# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

*ଲିଜ ବିବିଧ (Lease Misc.) ମୋକଦ୍ଦମା ସଂଖ୍ୟା ୩୪/୨୦୨୫*

## ନୋଟିସ

ପ୍ରୋସେସ ସଂଖ୍ୟା. ୧୧୩୮ ତାରିଖ: ୧୮.୧୧.୨୦୨୫

ପ୍ରାପ୍ତେଷୁ,

ଶ୍ରୀ ବ୍ରଜମୋହନ ନାଥ, ପି: ଅଭିମନ୍ୟୁ ନାଥ , ବା- ନିଜଗାଁ (ଠେଲକୋଲୋଏ)

ବିଷୟ: ଲିଜ ବିବିଧ (Lease Misc.) ମୋକଦ୍ଦମା ସଂଖ୍ୟା ୩୪/୨୦୨୫ ରେ ମନ୍ତବ୍ୟ ଖାନା ରୁ ବାଦ ଦେବା ନିମନ୍ତେ ତହସିଲ କାର୍ଯ୍ୟାଳୟ ଶୁଣାଣି

ଏତଦ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ମୌଜା – ଠେଲକୋଲୋଏ ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡକୋ କର୍ତ୍ତୃପକ୍ଷ ଭୁବନେଶ୍ୱର (ଓଡିଶା), ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ ଆବାଦ ଯୋଗ୍ୟ ଅନାବାଦୀ ଖାତାରେ ରେକର୍ଡ ଥାଇ ମନ୍ତବ୍ୟ ଖାନାରେ "ହାଲ କିସମ ବେର୍ଣ୍ଣା ସାଧାରଣ, ବେଆଇନ ଦଖଲ ବ୍ରଜମୋହନ, ନାଥ ପି:ଅଭିମନ୍ୟୁ ନାଥ, ଜାତି- ବ୍ରାହ୍ମଣ, ବାସସ୍ଥାନ- ନିଜଗାଁ ।" ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ମନ୍ତବ୍ୟ ଖାନାରେ ଥିବା ବେଆଇନ ଦଖଲ ନୋଟକୁ ବାଦ ଦେବା ଆବଶ୍ୟକ ପଡୁଅଛି ।

ଏହାର ଶୁଣାଣି ତା. ୧୧.୧୨.୨୦୨୫ ରିଖ ସମୟ ଦିବା ୧୨.୩୦ ଘଟିକାରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହେବା ପାଇଁ ଧାର୍ଯ୍ୟ କରା ଯାଇଛି । ଯଦି ଏହି ପ୍ରସ୍ତାବିତ ବେଆଇନ ଦଖଲ ନୋଟକୁ ବାଦ ଦେବା ଉପରେ କିଛି ଆପତ୍ତି ଥାଏ, ତେବେ ନିଜର ଦାବି ସପକ୍ଷରେ ସମ୍ପୃକ୍ତ କାଗଜାତ ସହ ନିର୍ଦ୍ଧାରିତ ସମୟରେ ଉପର ବର୍ଣ୍ଣିତ ସ୍ଥାନରେ ଉପସ୍ଥିତ ହୋଇ ନିଜର ଆପତ୍ତି ରଖି ପାରିବେ । ଧାର୍ଯ୍ୟ ତାରିଖରେ ଅନୁପସ୍ଥିତ ରହିଲେ ପରେ ଆଉ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ରସ୍ତାବିତ ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ଠେଲକୋଲୋଏ | ୨୧୫ (ରକ୍ଷିତ) | ୨୪୪ | ୧.୩୬ | ଉନ୍ନତ ଯୋଜନା ଯୋଗ୍ୟ | ହାଲ କିସମ ବେର୍ଣ୍ଣା ସାଧାରଣ, ବେଆଇନ ଦଖଲ ବ୍ରଜମୋହନ, ନାଥ ପି:ଅଭିମନ୍ୟୁ ନାଥ, ଜାତି- ବ୍ରାହ୍ମଣ, ବାସସ୍ଥାନ- ନିଜଗାଁ |
| ମୋଟ | ୧ ଖାତା | ୧ ପ୍ଲଟ | ୧.୩୬ | | |

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର

ଜ୍ଞାପକ ସଂଖ୍ୟା ୧୧୩୯ ତା: ୧୮.୧୧.୨୦୨୫

ଏହାର ଦୁଇ କିତା ନକଲ ରାଜସ୍ୱ ନିରୀକ୍ଷକ, ଲପଙ୍ଗାଙ୍କ କାର୍ଯ୍ୟାଳୟ କୁ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ନୋଟିସ ନାମିତ ବ୍ୟକ୍ତିଙ୍କୁ ନୋଟିସ ତାମିଲ କରି ତାମିଲ ନୋଟିସ ଫେରସ୍ତ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର